# ମାଣ୍ଡିଆରେ ଟୀକା ରୋଗ (Brown spot)





ଏହି ରୋଗ ଏକ ପ୍ରକାର କବକ ବା ଫିମ୍ପୀର ଆକ୍ରମଣ ଯୋଗୁଁ ହୋଇଥାଏ । ଏହି ରୋଗ ସାଧାରଣତଃ ଜୁଲାଇ ମାସ ଠାରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ବେଶୀ ପରିମାଣରେ ଦେଖାଯାଏ । ରୋଗ ହେଲେ ମାଣ୍ଡିଆ ଗଛର ପତ୍ରରେ ଛୋଟ ଛୋଟ ଫିକା ବାଦାମୀ ରଙ୍ଗରୁ ଗାଢ ବାଦାମୀ ରଙ୍ଗର ଲମ୍ବାକୃତ ବା ଗୋଲାକାର ଦାଗମାନ ଦେଖାଯାଏ ।  ଏହି ଦାଗଗୁଡିକ ଆୟତନରେ ବଢି ଗୋଟିଏ ଦାଗ ଅନ୍ୟ ଦାଗ ସହ ମିଶିଯାଏ ।  ଗଛର ଉପର ପତ୍ର ଅପେକ୍ଷା ତଳ ପତ୍ରରେ ବିଶେଷ ଭାବେ ରୋଗ ଦେଖାଯାଏ ଏବଂ ରୋଗାକ୍ରାନ୍ତ ପତ୍ର ଶୁଖି ମୁରୁକିଟିଆ ହୋଇଯାଏ ।

## ନିୟନ୍ତ୍ରଣ

- ଖାଦ୍ୟସାରର ସୁପରିଚାଳନା କରନ୍ତୁ
- ୧ ୦ ଲିଟର ପାଣିରେ ୧ ଲିଟର ଜୀବାମୃତ ମିଶାଇ ସ୍ପ୍ରେ କରନ୍ତୁ
- ଜମିରୁ ଅନାବନା ଘାସ ବାଛନ୍ତୁ ଏବଂ ଜମି ହିଡ ସଫା ରଖନ୍ତୁ
- ବିହନ ବୁଣିବା ପୂର୍ବରୁ ବିହନକୁ ୫ ୦ ଡିଗ୍ରୀ ସେଣ୍ଟିଗ୍ରେଡ ଗରମ ପାଣିରେ ୧ ୦ ରୁ ୧ ୨ ମିନିଟ ରଖନ୍ତୁ
- ୧ ଲିଟର ପାଣିରେ ୨ ୦ ୦ ମି.ଲି. ପୋଦିନା ପତ୍ର ରସ ମିଶାଇ ବିହନକୁ ୨ ୪ ଘଣ୍ଟା ରଖନ୍ତୁ , ପରେ ବୁଣନ୍ତୁ
- ମାଣ୍ଡିଆ ଅମଳ ପରେ , ଜମିରେ ଥିବା ଫସଲର ଅବଶିଷ୍ଟ ଅଂଶକୁ ପୋଡି ଦିଅନ୍ତୁ
- ୧ ଲିଟର ଗୋମୁତ୍ରରେ ୧ ୦ ଲିଟର ପାଣି ମିଶାଇ ସପ୍ତାହକୁ ଥରେ ସ୍ପ୍ରେ କରନ୍ତୁ
- ୧ ୦ ଲିଟର ପାଣିରେ ୪ ୦ ଗ୍ରାମ ମାଙ୍କୋଜେବ  କିମ୍ବା ୫ ୦ ଗ୍ରାମ କପର ଅକ୍ସି କ୍ଲୋରାଇଡ ସିଞ୍ଚନ କରନ୍ତୁ

WASSAN